Image

ସକାଳ THE SAKALA
Bhubaneswar - 12 Aug 2024 - Page 8

୦୮ | ସୋମବାର, ୧୨ ଅଗଷ୍ଟ, ୨୦୨୪ | /TheSakala | /thesakalanews | www.thesakala.in | www.sakalaepaper.com

# ସମ୍ପାଦକୀୟ



ପାଠାଗାର ଏକ ଅଭିବୃଦ୍ଧିଶୀଳ ସଂଗଠନ।
-ଏସ୍ ଆର ରଙ୍ଗନାଥନ୍

# ବିକଶିତ ଓଡ଼ିଶା ଲକ୍ଷ୍ୟ ଓ ପାଠାଗାର ଆନ୍ଦୋଳନ



ନିରଞ୍ଜନ ମହାପାତ୍ର
ଭୁବନେଶ୍ୱର, ଇମେଲ: nmohapatralis@gmail.com

ଶିକ୍ଷା ଓ ଗବେଷଣାରେ ପାଠାଗାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହାଛଡ଼ା ପାଠାଗାର ସାମାଜିକ ପ୍ରତିଷ୍ଠାନ ଓ ସର୍ବସାଧାରଣ ସେବାର ଏକ ମାଧ୍ୟମ ଭାବେ ବିକଶିତ ହେବା ଆବଶ୍ୟକ, ଯାହା ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ପାଇଁ ଜ୍ଞାନ ବିକାଶର ପରିବେଶ ସୃଷ୍ଟି କରିବ। ଏଥିମଧ୍ୟରେ ସୂଚନା, ଶିକ୍ଷା, ମନୋରଞ୍ଜନ ଏବଂ ସାଂସ୍କୃତିକ ଓ ଐତିହ୍ୟ ସଂରକ୍ଷଣ ପରି ମହତ୍ ଉଦ୍ଦେଶ୍ୟ ସାଧିତ ହୋଇପାରିବ।

ନିକଟରେ ଓଡ଼ିଶା ରାଜ୍ୟପାଳ ରଘୁବର ଦାସ ବିଧାନସଭା ପ୍ରାରମ୍ଭିକ ଅଭିଭାଷଣରେ 'ଲାଇବ୍ରେରୀ ଅନ୍ ହ୍ୱିଲ୍' ବା 'ଭ୍ରାମ୍ୟମାଣ ପାଠାଗାର' ବିଷୟରେ ଘୋଷଣା କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଜିଲ୍ଲାସ୍ତରୀୟ ଇ-ପାଠାଗାର ପ୍ରତିଷ୍ଠା ପାଇଁ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଛନ୍ତି। ପଠନ ଅଭ୍ୟାସକୁ ପ୍ରୋତ୍ସାହିତ କରାଯିବ ଏବଂ ପାଠାଗାର ଆନ୍ଦୋଳନ ବ୍ୟାପକ ତଥା ବ୍ୟବସ୍ଥିତ ହେବ ବୋଲି ମଧ୍ୟ ସେ ଘୋଷଣା କରିଛନ୍ତି। ଲୋକଙ୍କ ମଧ୍ୟରେ ପଠନ ଅଭ୍ୟାସ ବୃଦ୍ଧି ପାଇଁ ପାଠାଗାର ଆନ୍ଦୋଳନକୁ ଗ୍ରାମାଞ୍ଚଳ ଓ ୱାର୍ଡ ପର୍ଯ୍ୟନ୍ତ ପରିବ୍ୟାପ୍ତ ଓ ତ୍ୱରାନ୍ୱିତ କରିବା ଆବଶ୍ୟକ। ଏହାସହିତ ସେହିସବୁ ପାଠାଗାରରେ ଅଭିଜ୍ଞ ତଥା ତାଲିମପ୍ରାପ୍ତ ବୃତ୍ତିଗତ ଗ୍ରନ୍ଥାଗାରିକମାନଙ୍କୁ ନିଯୁକ୍ତ କରିବା ଆବଶ୍ୟକ, ଯେଉଁମାନେ ବିଭିନ୍ନ ପାଠାଗାର ସେବାଗୁଡ଼ିକୁ ଏକ ବୃତ୍ତିଗତ ଉପାୟରେ ପରିଚାଳନା କରିପାରିବେ। ପାଠାଗାରଗୁଡ଼ିକର ଆବଶ୍ୟକତା ସହିତ ଏହାର ଗୁରୁତ୍ୱ ଜାଣିବା ପାଇଁ ପ୍ରଥମେ ଲୋକଙ୍କୁ ସଚେତନ କରାଯିବା ଉଚିତ, ଯାହା ଗ୍ରନ୍ଥାଗାରିକମାନଙ୍କର କର୍ତ୍ତବ୍ୟ। ନାଗରିକମାନେ ମଧ୍ୟ ଏ ଦିଗରେ ଆଗ୍ରହ ପ୍ରକାଶ କରିବା ଉଚିତ।

ରାଜ୍ୟରେ ପୂର୍ବ ସରକାରଙ୍କ ଅମଳରେ ଅନେକ ସରକାରୀ ମାଧ୍ୟମିକ ବିଦ୍ୟାଳୟରେ ଇ-ପାଠାଗାର ମାନ ପ୍ରତିଷ୍ଠା ହୋଇଛି। କିନ୍ତୁ ଏଗୁଡ଼ିକର ପରିଚାଳନା ପାଇଁ ଆବଶ୍ୟକ ପଦକ୍ଷେପ ନେବା ବାକି ରହିଛି। ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ମଧ୍ୟ ସମାନ ଅବସ୍ଥା। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ନିର୍ଦ୍ଦେଶାବଳୀ ଅନୁଯାୟୀ ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ପାଠାଗାର ଓ ଗ୍ରନ୍ଥାଗାରିକ ରହିବା ଜରୁରୀ, କିନ୍ତୁ ଦେଶର ଅନେକ ସ୍ଥାନରେ ଏହାର ଅନୁପାଳନ କରାଯାଉନାହିଁ। ଗ୍ରନ୍ଥାଗାରିକ ବିନା ପାଠାଗାର ଆନ୍ଦୋଳନ ସଫଳ ହୋଇପାରିବ ନାହିଁ। ନୂଆ ସରକାର ଏ ଦିଗରେ ଦୃଷ୍ଟି ଦେବେ ବୋଲି ଆଶା। ୨୦୧୮ ରେ ପ୍ରତ୍ୟେକ ଜିଲ୍ଲାରେ ସର୍ବସାଧାରଣ ପାଠାଗାର ପାଇଁ ସ୍ୱତନ୍ତ୍ର ବଜେଟ୍ ମଞ୍ଜୁର ହୋଇଥିଲେ ମଧ୍ୟ ଏହାର ସୁଫଳ ନ ମିଳିବା ପଛରେ କେଉଁଠି ତ୍ରୁଟି ରହୁଛି ତାହାକୁ ଖୋଜି ବାହାର କରିବାକୁ ପଡ଼ିବ।



ସ୍ୱାଧୀନତା ପରଠାରୁ ସରକାରମାନେ ଇତିମଧ୍ୟରେ ବିଭିନ୍ନ ବର୍ଗ, ଧର୍ମ ଓ ସମ୍ପ୍ରଦାୟର କଲ୍ୟାଣକୁ ଦୃଷ୍ଟିରେ ରଖି ଭାଗବତ ଟୁଙ୍ଗି, ଉର୍ଦ୍ଦୁ କେନ୍ଦ୍ର, ଆଦିବାସୀ ବିକାଶ କେନ୍ଦ୍ର, ମିଶନ ଶକ୍ତି, ବରିଷ୍ଠ ନାଗରିକ କେନ୍ଦ୍ର, ଶିଶୁ ବିକାଶ କେନ୍ଦ୍ର, କୋଚିଂ ସେଣ୍ଟର ଇତ୍ୟାଦି ଗଠନ ଦିଗରେ ଉଲ୍ଲେଖନୀୟ ଓ ଯୁଗୋପଯୋଗୀ ପଦକ୍ଷେପମାନ ନେଇଛନ୍ତି। କିନ୍ତୁ ଏକମାତ୍ର ସାର୍ବଜନୀନ ପାଠାଗାର ଉପରୋକ୍ତ ସମସ୍ତ ବର୍ଗକୁ ଏକାଠି କରି ଏକକାଳୀନ ଓ ସାର୍ବଜନୀନ ବୃହତ୍ତର ସ୍ୱାର୍ଥବିଜଡ଼ିତ ସେବା ପ୍ରଦାନ କରିପାରିବ। ଆଦର୍ଶ ପାଠାଗାର ସୃଷ୍ଟି କରିବା, ଜିଲ୍ଲା ପାଠାଗାରଗୁଡ଼ିକୁ ଡିଜିଟାଲ୍ ନେଟୱାର୍କ ସହିତ ସଂଯୋଗ କରିବା ଏବଂ ଅର୍ଥନୈତିକ ଅନଗ୍ରସର ଜିଲ୍ଲାଗୁଡ଼ିକୁ ପ୍ରାଥମିକତା ଦେବା ପାଇଁ 'ରାଷ୍ଟ୍ରୀୟ ପୁସ୍ତକାଳୟ ମିଶନ'କୁ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ଦ୍ୱାରା ୨୦୧୪ ମସିହାରେ ଆରମ୍ଭ କରାଯାଇଥିଲା। ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାରଙ୍କ ବଜେଟ୍ ୨୦୨୩-୨୪ ରେ ଶିଶୁ ଏବଂ କିଶୋରମାନଙ୍କ ପାଇଁ ପ୍ରସ୍ତାବିତ ଜାତୀୟ ଡିଜିଟାଲ୍ ପାଠାଗାର ହେଉଛି ଏକ ସମ୍ପ୍ରଦାୟ ପାଠାଗାର ସେବାର ଉଲ୍ଲେଖନୀୟ ଉଦାହରଣ। ନ୍ୟାସନାଲ୍ ଡିଜିଟାଲ୍ ପାଠାଗାର ଦ୍ୱାରା ଶିକ୍ଷା ବିକାଶର ଲକ୍ଷ୍ୟ ପୂରଣ ହୋଇପାରିବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ୍ ଭାଷଣରେ ଉଲ୍ଲେଖ କରିଛନ୍ତି ଯେ ପଞ୍ଚାୟତ ଓ ୱାର୍ଡସ୍ତରରେ ଭୌତିକ ପାଠାଗାର ସ୍ଥାପନ ତଥା ଜାତୀୟ ଡିଜିଟାଲ ପାଠାଗାର ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟମାନଙ୍କୁ ଉତ୍ସାହିତ କରାଯିବ। ୨୦୨୩ ଅଗଷ୍ଟ ୦୫ ରୁ ୦୬ ମଧ୍ୟରେ ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ନୂଆଦିଲ୍ଲୀର ପ୍ରଗତି ମଇଦାନଠାରେ 'ପାଠାଗାର ମହୋତ୍ସବ' ଆୟୋଜନ କରାଯାଇଥିଲା। ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଥିଲେ ଯେ ପାଠାଗାରଗୁଡ଼ିକ ସାମାଜିକ ସମ୍ପର୍କ, ଅଧ୍ୟୟନ ଓ ଚିନ୍ତନ କେନ୍ଦ୍ର ହେବା ଉଚିତ। ଏହି ଉତ୍ସବରେ ଭାରତୀୟ ପାଠାଗାରଗୁଡ଼ିକର ଆଧୁନିକୀକରଣ ଓ ଡିଜିଟାଇଜେସନ୍ ବିଷୟରେ ଆଲୋଚନା କରିବା ପାଇଁ ଦେଶବିଦେଶର ପ୍ରସିଦ୍ଧ ପାଠାଗାରଗୁଡ଼ିକ ମଧ୍ୟ ପ୍ରଦର୍ଶିତ କରାଯାଇଥିଲା।

ଏବେ ଶିକ୍ଷାବିତ୍, ବୁଦ୍ଧିଜୀବୀ, ନୀତି ନିର୍ମାତା ଓ ନାଗରିକ ସମାଜ ଦ୍ୱାରା ଗୁରୁତ୍ୱର ସହ ଚିନ୍ତା କରିବାର ସମୟ ଆସିଛି। ଆସନ୍ତୁ ସଭିଏଁ ମିଶି ଆଗକୁ ବଢ଼ିବା ଏବଂ ସରକାରଙ୍କୁ ଅନୁରୋଧ କରିବା ଏକ ନିର୍ଦ୍ଦିଷ୍ଟ ବର୍ଷର ଅବଧି(ସର୍ବାଧିକ ୨ ବର୍ଷ) ଭିତରେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ, ବ୍ଲକ ଓ ଜିଲ୍ଲାସ୍ତରରେ ସର୍ବସାଧାରଣ ପାଠାଗାର ପ୍ରତିଷ୍ଠା କରିବା ପାଇଁ ଏକ ସମୟ ଧାର୍ଯ୍ୟ କରିବାକୁ। ଆମ ରାଜ୍ୟରେ ପ୍ରତ୍ୟେକ ପଞ୍ଚାୟତ ଏବଂ ବ୍ଲକସ୍ତରରେ ମିଶନ୍ ଶକ୍ତି ଗୃହ ଦୁଇ ବର୍ଷ ମଧ୍ୟରେ ନିର୍ମିତ ହୋଇପାରିଛି ଏବଂ ଗରିବ ଲୋକମାନେ ପ୍ରୋତ୍ସାହନ ରାଶି ପାଇବାର ଦୁଇମାସ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ କରିପାରୁଛନ୍ତି। ତେଣୁ ଓଡ଼ିଶାର ନୂଆ ସରକାର ପାଇଁ ପାଠାଗାର ସ୍ଥାପନା ଏକ କଷ୍ଟସାଧ୍ୟ କାମ ହେବ ନାହିଁ। ଝାଡ଼ଖଣ୍ଡର ୮ଟି ଜିଲ୍ଲାର ସମସ୍ତ ଗ୍ରାମ ପଞ୍ଚାୟତରେ ୩ମାସ ମଧ୍ୟରେ ୧୧୮ ଟି ଗୋଷ୍ଠୀ ପାଠାଗାର ପ୍ରତିଷ୍ଠା କରାଯାଇ ପାରିଛି। ରିପୋର୍ଟ ଅନୁଯାୟୀ ସେମାନେ ପାଠାଗାର ପାଇଁ ପ୍ରଥମେ କିଛି ପୁରୁଣା ପଞ୍ଚାୟତ କୋଠା ବ୍ୟବହାର କରିଥିଲେ, ଯାହା ପରବର୍ତ୍ତୀ ସମୟରେ ନୂତନ କୋଠାକୁ ସ୍ଥାନାନ୍ତରିତ କରାଯାଇଥିଲା। କର୍ଣ୍ଣାଟକ ୫୫୭୩ ଗ୍ରାମ ପଞ୍ଚାୟତରେ ପାଠାଗାର ନିର୍ମାଣ କରିପାରିଛି ଏବଂ ସେଥିମଧ୍ୟରୁ ୪୬୦୮ ଟି ଗ୍ରାମୀଣ ଡିଜିଟାଲ ପାଠାଗାର ରହିଛି। ତେଣୁ ଓଡ଼ିଶାର ସମସ୍ତ ୬୭୯୮ ଗ୍ରାମପଞ୍ଚାୟତରେ ଆଧୁନିକ ସର୍ବସାଧାରଣ ପାଠାଗାର ପ୍ରତିଷ୍ଠା କରିବା ଏକ ବଡ଼ କଥା ନୁହେଁ। ରାଜ୍ୟର ସମସ୍ତଙ୍କ ପାଇଁ ଦେୟମୁକ୍ତ ପାଠାଗାର ସୁବିଧା ଉପଲବ୍ଧ ହେବା ଉଚିତ୍। ବିକଶିତ ଓଡ଼ିଶା ପାଇଁ ଏହା ଅପରିହାର୍ଯ୍ୟ।

Pune to Goa